ଓଡ଼ିଶା ସାହିତ୍ୟ ଏକାଡେମୀ

# ସମାଚାର

ODISHA SAHITYA AKADEMI SAMACHAR

44th Issue : January-March 2016 | ସଂଖ୍ୟା ୪୪: ଜାନୁଆରୀ-ମାର୍ଚ୍ଚ ୨୦୧୬

## ସର୍ବଭାରତୀୟ କବିତା ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କୋଣାର୍କସ୍ଥିତ ଯାତ୍ରୀ ନିବାସ ଠାରେ ୬ ଓ ୭ ଫେବୃଆରୀ ୨୦୧୬ ଦୁଇଦିନ ବ୍ୟାପୀ ସର୍ବଭାରତୀୟ କବିତା ଆସର ଅନୁଷ୍ଠିତ ହୋଇଯାଇଅଛି । ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ଆସର ସମାରୋହରେ ରାଜ୍ୟ ଖାଉଟି ଓ ଯୋଗାଣ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ରମାକାନ୍ତ ରଥ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କବି ହରପ୍ରସାଦ ଦାସ, ଏକାଡେମୀର ଉପସଭାପତି ଗାୟତ୍ରୀ ସରାଫ ଓ ସଚିବ ଅଶ୍ୱିନୀ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଆର୍ଯ୍ୟଭାଷା ଓଡ଼ିଆକୁ ସୁଦୂର ପ୍ରସାରୀ ଓ ଲୋକାଭିମୁଖୀ କରିବା ଲକ୍ଷ୍ୟ ନେଇ ଏହି କବିତା ଆସର ଆୟୋଜନ କରାଯାଇଥିଲା । ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ, ପର୍ଯ୍ୟଟନ, ପ୍ରକୃତି ଓ ପ୍ରଭୃତି ଭଳି ସୃଷ୍ଟିର ପ୍ରତ୍ୟେକଟି ଉପାଦାନକୁ ନେଇ କବିତା ସୃଷ୍ଟି ହୋଇଥାଏ । ଆଧୁନିକ ସାହିତ୍ୟକୁ ବଳିଷ୍ଠ କରିବା ଦିଗରେ କବିତାର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କବିତା ମାଧ୍ୟମରେ ହିଁ ପ୍ରଥମେ ସମାଜରେ ପରିବର୍ତ୍ତନର ଧାରା ସୃଷ୍ଟି ହୋଇଥିଲା ବୋଲି ମଞ୍ଚାସୀନ ବ୍ୟକ୍ତିମାନେ ମତପ୍ରକାଶ କରିଥିଲେ । ଏହି କବିତା ଆସରର କବିତା ପାଠ ଅଧିବେଶନ ପୂର୍ବାହ୍ଣ ୧୧.୩୦ ଘଟିକାରେ ଏଚ.ଏସ୍ ଶିବପ୍ରକାଶଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ହୋଇଥିଲା । ଏଥିରେ ଅହମିଆଁ କବି ନିଲିମ୍ କୁମାର ଓ ଅର୍ଚ୍ଚନା ପୂଜାରୀ, ବେଙ୍ଗଲୀ କବି ରଞ୍ଜିତ ଦାସ ଓ ସୁବୋଧ ସରକାର, ଡୁଗୁରି କବି ଦର୍ଶନଦର୍ଶୀ, ଇଂରାଜୀ କବି ବିଭୁପ୍ରସାଦ ପାଢ଼ୀ, ସୁଦୀପ ସେନ୍ ଓ ଅରୁନ୍ଧତି ସୁବ୍ରମନ୍ୟମ୍, ଗୁଜୁରାଟି କବି କାଞ୍ଜି ପଟେଲ ଓ ଗୋପୀକା ଜାଡେଜା ସ୍ୱରଚିତ କବିତା ପାଠ କରିଥିଲେ । ଏହାପରେ ଅପରାହ୍ଣ ୨.୩୦ ଘଟିକାରେ ସୁବୋଧ ସରକାରଙ୍କ ଅଧ୍ୟକ୍ଷତାରେ କବିତା ପାଠର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ କନ୍ନଡ଼ କବି ଏଚ.ଏସ. ଶିବ ପ୍ରକାଶ, କୋଙ୍କଣୀ କବି ପରେଶ ନରେନ୍ଦ୍ର କାମତ, ନେପାଳି କବି ସୁମନ ପୋଖରେଲ, ମାଲାୟଲାମ କବି ସାବିତ୍ରୀ ରାଜିଭନ, ପି.ପି. ରାମଚନ୍ଦ୍ରନ, ମଣିପୁରୀ କବି ଥାଉଣ୍ଡମ ନେତ୍ରଜିତ ସିଂହ ଓ ୟୁମୋନାମ ଉତ୍ତମମ୍ବାଲା ଦେବୀ ସ୍ୱରଚିତ କବିତା ପାଠ କରିଥିଲେ । ଏହାପରେ ଅପରାହ୍ଣ ୪.୧୦ ଘଟିକାରେ କବିତା ପାଠର (୮ମ ପୃଷ୍ଠା ଦେଖନ୍ତୁ)

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଖଡ଼ଗପୁରଠାରେ ଲେଖିକା ସମ୍ମିଳନୀ

ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଖଡ଼ଗପୁରସ୍ଥିତ ଆଇଆଇଟି ରମଣ ଅଡ଼ିଟୋରିୟମଠାରେ ୨୭-୨୮ ଫେବୃଆରୀ, ୨୦୧୬ ଦିନ ଓଡ଼ିଶାର ଲେଖିକାମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ଶାସନ ସଚିବ ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନନୀୟା ଅତିଥି ଭାବରେ ଓଡ଼ିଆ କବୀ ଓ କଥାକାର ଶ୍ରୀମତୀ ବନଜ ଦେବୀ, ବଙ୍ଗଳା ସାହିତ୍ୟର କବୀ ଶ୍ରୀମତୀ କ୍ରୀଷ୍ଣା ବସୁ, ଶ୍ରୀମତୀ ଚୈତାଳୀ ଚଟ୍ଟୋପାଧ୍ୟାୟ ଓ ଶ୍ରୀମତୀ ଅନୁରାଧା ମହାପାତ୍ର ଯୋଗଦାନ କରି ଉଭୟ ଭାଷାର ସମୃଦ୍ଧ ସୃଜନଶୀଳ ସାହିତ୍ୟ, କାବ୍ୟିକ ପ୍ରବାହ ଉପରେ ଆଲୋକପାତ କରିଥିଲେ । ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ସାଙ୍ଗକୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ସଭାରେ ପୌରୋହିତ୍ୟ କରିଥିଲେ । ପ୍ରଥମ ଦିନ




'ସମାଜ ଗଠନରେ ଲେଖିକାଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ପୌରୋହିତ୍ୟ କରିଥିଲେ କବୀ ତଥା ଗାଳ୍ପିକା ଜୟନ୍ତୀ ରଥ । ଅପର୍ଣ୍ଣା ମହାନ୍ତି, କବିତା ବାରିକ, ଚିରଶ୍ରୀ ଇନ୍ଦ୍ରସିଂ, ବୀଣାପାଣି ପଣ୍ଡା, ପଲ୍ଲୀଶ୍ରୀ ପଟ୍ଟନାୟକ, ସୁଚିତ୍ରା ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ଣର ଆଲୋଚନାଚକ୍ରରେ ପୌରୋହିତ୍ୟ କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗର ସୁଲେଖିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଓ ଆଲୋଚିକା ଭାବରେ ଯୋଗଦାନ କରିଥିଲେ ହିରଣ୍ମୟୀ ମିଶ୍ର, ଇନ୍ଦିରା ଦାଶ, ପ୍ରଭାସିନୀ ମହାକୁଡ଼ ଏବଂ ଅନ୍ୟମାନେ । ୨୮.୨.୧୬ ଦିନ ହୋଇଥିବା ଆଲୋଚନାର ବିଷୟବସ୍ତୁ ଥିଲା 'ଲେଖିକାଙ୍କ ସାମାଜିକ ପ୍ରତିବଦ୍ଧତା' । ଏଥିରେ ମିନାକ୍ଷୀ ଦେବୀ, ସରୋଜିନୀ ମିଶ୍ର, ବନ୍ଦନା ମିଶ୍ର, ପୁଷ୍ପା ଧଳ ମହାପାତ୍ର ଓ ଅନ୍ୟମାନେ ଆଲୋଚିକା ଭାବରେ ଯୋଗଦାନ କରିଥିଲେ । ଅପରାହ୍ଣର ଆଲୋଚନାଚକ୍ରରେ ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିୟାରସିଂହ ପୌରୋହିତ୍ୟ କରିଥିଲେ । ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବି ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶଶିଭୂଷଣ ସାହିତ୍ୟ ସଂସଦଙ୍କ ମିଳିତ ଆନୁକୂଲ୍ୟରେ ବରେଣ୍ୟ ସମ୍ପାଦକ, ପ୍ରବୀଣ ସାମ୍ବାଦିକ, ସମାଜ ସଂସ୍କାରକ ଓ ସାରସ୍ୱତ ସଙ୍ଗଠକ ତଥା ସାହିତ୍ୟ ସାଧକ ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୋରଡ଼ା ଶ୍ରୀଚୈତନ୍ୟ ମଠସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସଭାଗୃହଠାରେ ତା ୧.୧.୧୬ରିଖ ପୂର୍ବାହ୍ଣ ୧୧.୩୦ ଘଟିକାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଜୟନ୍ତୀ ସଭାରେ ସୋରଡ଼ାର ମାନ୍ୟବର ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶଶିଭୂଷଣ ଜଣେ ନିର୍ଭିକ ସାମ୍ବାଦିକ, ବିଶିଷ୍ଟ ଓଡ଼ିଆ ସାହିତ୍ୟିକ, ସାରସ୍ୱତ ସଙ୍ଗଠକ, ସମାଜସେବୀ ଥିବାର ସୂଚନା ଦେଇ ଥିଲେ। ସାହିତ୍ୟ ପତ୍ରିକା ମାଧ୍ୟମରେ ଜନମାନସରେ ରାଜନୀତି କ୍ଷେତ୍ରରେ ସେ ବ୍ୟାପକ ଜନ ଜାଗରଣ ସୃଷ୍ଟି କରି ପାରିଥିଲେ। ସେ ଅଗଣିତ ଓଡ଼ିଆଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କର ଜନ୍ମରେ ସୋରଡ଼ା ମାଟି ଧନ୍ୟ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଶଶିଭୂଷଣ ରଥ ମହିଳା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କାହ୍ନୁଚରଣ ପାଢ଼ୀ , ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଭଗବାନ ପାତ୍ର, ଶ୍ରୀ ସଦାନନ୍ଦ ତ୍ରିପାଠୀ, ଶଶି ଭୂଷଣ ସାହିତ୍ୟ ସଂସଦର ସମ୍ପାଦକ ଧୋବା ବେହେରା ଏବଂ ଉପଦେଷ୍ଟା ବଡ଼ମଠାଧିଶ କୃଷ୍ଣଚରଣ ଦାସ ବାବାଜୀ ଯୋଗ ଦେଇଥିଲେ। ବିଶିଷ୍ଟ ସମାଜସେବୀ ରାଧାକୃଷ୍ଣ ପାଣିଗ୍ରାହୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ରଞ୍ଜନ ପାଟଯୋଶୀ ଅତିଥି ପରିଚୟ ଓ ଶିକ୍ଷକ ଶିବପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦ ଖଣ୍ଡପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ଉତ୍କଳର ବରପୁତ୍ର ପ୍ରଖ୍ୟାତ ନଭୋବିଜ୍ଞାନୀ ଜ୍ୟୋତିର୍ବିତ୍ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨.୧.୧୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାସ୍ଥିତ ସାଇବୃନ୍ଦାବନ ସେବା ଧାମ ପ୍ରାଙ୍ଗଣରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଶ୍ରୀ ଗିରିଜା ଶଙ୍କର ତରାଶିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସ୍ୱାମୀ ଅସୀମା ନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଓ ଡକ୍ଟର ଶ୍ରୀଚରଣ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ମହାମହୋପାଧ୍ୟାୟ ଚନ୍ଦ୍ରଶେଖ ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଜଣେ ବିଚକ୍ଷଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଥିଲେ। ଜ୍ୟୋତିଷ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିବାରୁ ସେ ବିଭିନ୍ନ ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧୀୟ ଗବେଷଣାରେ ପ୍ରବୃତ୍ତ ହୋଇଥିଲେ। ସ୍ୱହସ୍ତ ନିର୍ମିତ ଶଙ୍କୁଦଣ୍ଡ, ମାନଦଣ୍ଡ ଆଦି ସାହାଯ୍ୟରେ ମୁକ୍ତ ଆକାଶକୁ ନିରୀକ୍ଷଣ କରି ଗ୍ରହ ଓ ନକ୍ଷତ୍ରର ଗତିବିଧି ସେ ନିରୂପଣ କରିପାରୁଥିଲେ। ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' ଜ୍ୟୋତିଷ ଶାସ୍ତ୍ରର ଏକ ଅମୂଲ୍ୟ ଗ୍ରନ୍ଥ। ସଭା ଶେଷରେ ଗିରିଜା ଶଙ୍କର ତରାଶିଆଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କବି ଶେଖର ଚିନ୍ତାମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ପୂଜ୍ୟପୂଜା ସଂସଦଙ୍କ ମିଳିତ ସହଯୋଗରେ କବି ଶେଖର ଚିନ୍ତାମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୬.୩.୧୬ ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଭଦ୍ରକ ନୂଆବଜାରସ୍ଥ ଭାଗବତ କଲ୍ୟାଣ ମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ପୂଜ୍ୟପୂଜା ସଂସଦର ସମ୍ପାଦକ ଶ୍ରୀ ଅପୂର୍ବ ରଞ୍ଜନ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ନରୋତ୍ତମ ବେହେରା ଉପଜିଲ୍ଲାପାଳ ମୁଖ୍ୟଅତିଥି, ଶ୍ରୀ ଗୋଲୋକ ଚନ୍ଦ୍ର ବେହେରା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମ୍ମାନନୀୟ ଅତିଥି, ଡକ୍ଟର ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା ଓ ଅରବିନ୍ଦ ଗିରି ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କବିଶେଖର ଚିନ୍ତାମଣିଙ୍କ ସାହିତ୍ୟ ପ୍ରତିଭା ଓ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସାରସ୍ୱତ ସମାରୋହ : କାବ୍ୟନଦୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୋନପୁରସ୍ଥ ମହାନଦୀ ପଠାରେ ତା ୧୭.୧.୧୬ରିଖ ଦିନ ସାରସ୍ୱତ ସମାରୋହ : କାବ୍ୟନଦୀ ଆୟୋଜନ କରାଯାଇଥିଲା। ଏହି ସମାରୋହର ଉଦ୍‌ଘାଟନ ଉତ୍ସବ ପୂର୍ବାହ୍ଣ ୧୦.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ ଜିଲ୍ଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁରରେ ଓଡ଼ିଶା ସାହିତ୍ୟ ଏକାଡେମୀର ଏହି ନିଆରା ସାରସ୍ୱତ ସମାରୋହକୁ ପ୍ରଶଂସା କରି ଆଗାମୀ ପୀଢ଼ି ପାଇଁ ଏହା ପ୍ରେରଣା ଯୋଗାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମର ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏକାଡେମୀର ସଦସ୍ୟ ପୁରୁଷୋତ୍ତମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭାକୁ ସଂଯୋଜନା କରିଥିଲେ। ଏକାଡେମୀର ପ୍ରକାଶନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ସୋନପୁରର ସାରସ୍ୱତ ପ୍ରେମୀଙ୍କୁ ଏ ଅବସରରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ସମାରୋହର ଆଲୋଚନାଚକ୍ର ଅଧିବେଶନ ଅପରାହ୍ଣ ୧୨.୧୫ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସୌରଭ ରଞ୍ଜନ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଡକ୍ଟର ଦେବାଶିଷ ପାଣ୍ଡିଆ , ଶ୍ରୀ ସଞ୍ଜୟ କୁମାର ମିଶ୍ର, "ସାମ୍ପ୍ରତିକ ଓଡ଼ିଆ କବିତାର ସ୍ୱର ଓ ଶୈଳୀ" ବିଷୟରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସାହିତ୍ୟରେ କବିତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଡକ୍ଟର ଦେବାଶିଷ ପାଣ୍ଡିଆ ମତବ୍ୟକ୍ତ କରିଥିବା ବେଳେ କବିତା ସାଧାରଣ ଜୀବନକୁ ଏବେ ଛୁଇଁ ପାରିଛି ବୋଲି ପ୍ରାବନ୍ଧିକ ସଞ୍ଜୟ କୁମାର ମିଶ୍ର କହିଥିଲେ।

ଏହି ସମାରୋହର କବିତା ପାଠୋତ୍ସବ ଅଧିବେଶନ ଅପରାହ୍ଣ ୨.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଦସ୍ୟ ଶ୍ରୀ ନୀଳଲୋହିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଡକ୍ଟର ଜ୍ୟୋତି ରଞ୍ଜନ ବହିଦାର, ଶ୍ରୀ ଆଦିତେଶ୍ୱର ମିଶ୍ର ଓ ଶ୍ରୀ ଶ୍ୟାମା ଓମ୍ ପ୍ରସାଦ ମିଶ୍ର, ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ କବିତା ସମ୍ପର୍କରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଏହି କବିତା ପାଠୋତ୍ସବରେ ଷାଠିଏରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି କବିତାଗୁଡ଼ିକୁ ରାଜୀବ ଲୋଚନ ଆଚାର୍ଯ୍ୟ ଓ ଦେବଜାନୀ ମେଶ୍ୱା ସଂଯୋଜନା କରିଥିଲେ।

## ନାଟ୍ୟକାର ଗୋପାଳ ଛୋଟରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଜଗତସିଂହପୁର ସନ୍ନିକଟ ଓଡ଼ିଶାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାର ସଭାଗୃହରେ ତା ୨.୧.୧୬ ରିଖ ପୂର୍ବାହ୍ଣ ୧୧.୦୦ ଘଟିକାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବଂଶୀଧର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ବିଜୟ କୁମାର ଶତପଥୀ ମୁଖ୍ୟଅତିଥି, ଡକ୍ଟର ନାରାୟଣ ସେଠୀ ମୁଖ୍ୟବକ୍ତା ଓ ଡକ୍ଟର ଶରତ ଚନ୍ଦ୍ର ମହାରଣା ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି କହିଲେ ଗୋପାଳ ଛୋଟରାୟଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ଅନୁରକ୍ତି ଥିଲା। ନାଟକ ରଚନା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ସେ ମନୋନିବେଶ କରିଥିଲେ। ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟର ଜଣେ ଯୁଗସ୍ରଷ୍ଟା ନାଟ୍ୟକାର ଭାବରେ ସେ ଓଡ଼ିଶାର ସାରସ୍ୱତ ଜଗତରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ନାଟ୍ୟ ଜଗତକୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ବକ୍ତା ଓ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ।

## ଉତ୍କଳଘଣ୍ଟ କବି ଯଦୁମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯଦୁମଣି କ୍ଲବଙ୍କ ମିଳିତ ସହଯୋଗରେ ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୮.୧.୧୬ରିଖ ଅପରାହ୍ଣ ୫.୦୦ ଘଟିକାରେ ନୟାଗଡ଼ ଜିଲ୍ଲାର ଇଟାମାଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ




ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଯଦୁମଣି କ୍ଲବର ସଭାପତି ତଥା ଇଟାମାଟି ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଅଶୋକ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ନୟାଗଡ଼ ଜିଲ୍ଲାପାଳ ହେମନ୍ତ କୁମାର ପାଢ଼ୀ ମୁଖ୍ୟଅତିଥି, ସୁସାହିତ୍ୟିକ ଡକ୍ଟର ମୃତ୍ୟୁଞ୍ଜୟ ରଥ ମୁଖ୍ୟବକ୍ତା ଓ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ସାହିତ୍ୟ ରସିକ ଯଦୁମଣି ବହୁ ଶାସ୍ତ୍ରଦର୍ଶୀ ସଂସ୍କୃତ ପଣ୍ଡିତ ଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟାଦର୍ଶରେ ବିଭିନ୍ନ ରାଗ ରାଗିଣୀ ଅଳଙ୍କାର ସମନ୍ୱିତ କାବ୍ୟ, ଚଉପଦୀ, ଭଜନ, ଜଣାଣ ପ୍ରଭୃତି କବିତାମାନ ରଚନା କରି ଯଦୁମଣି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ତାଙ୍କ ରଚିତ ହାସ୍ୟରସାତ୍ମକ କବିତା ଅତ୍ୟନ୍ତ ରସସିକ୍ତ ଓ ଶ୍ରୁତିମଧୁର ବୋଲି ବକ୍ତା ଓ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

## ଭକ୍ତକବି ମଧୁସୂଦନ ରାଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭକ୍ତକବି ମଧୁସୂଦନ ରାଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୨.୧୬ରିଖି ପୂର୍ବାହ୍ଣ ୧୦.୦୦ ଘଟିକାରେ ପୁରୀସ୍ଥ ଚନ୍ଦ୍ରଶେଖର ପାଠାଗାରଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଅର୍ଥସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ଶ୍ରୀ ବିପିନ ବିହାରୀ ଦଳାଇ ମୁଖ୍ୟବକ୍ତା ଓ ଶ୍ରୀ ଅନାମ ଚନ୍ଦ୍ର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ମଧୁସୂଦନ ରାଓଙ୍କ ପ୍ରତ୍ୟେକଟି ସାହିତ୍ୟ କୃତି ଅତିନ୍ଦ୍ରୀୟ ଶକ୍ତିର ପରିକଳ୍ପନା, ଅନୁଭବର ଆକର୍ଷଣ, ଅନନ୍ତ ପରମେଶ୍ୱରଙ୍କ ସହିତ ନିବିଡ଼ ସଂଯୋଗ ସ୍ଥାପନ, ଅମୃତର ସନ୍ଧାନ ଓ ଭୂମାର ଉପଲବ୍ଧି ଉପରେ ହିଁ ପର୍ଯ୍ୟବେକ୍ଷିତ ଥିଲା ବୋଲି ଅତିଥି ଓ ବକ୍ତାବୃନ୍ଦ ମତ ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ




ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଭକ୍ତକବି ବଳରାମ ଦାସଙ୍କ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ଭକ୍ତକବି ବଳରାମ ଦାସଙ୍କ ଶ୍ରାଦ୍ଧୋତ୍ସବ ତା ୮.୨.୧୬ ରିଖ ସନ୍ଧ୍ୟା ୬.୦୦ ଘଟିକାରେ ପୁରୀ ଜିଲ୍ଲା ଏରବଙ୍ଗସ୍ଥ ବଳରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ସାରସ୍ୱତ ସଭାରେ ଏକାଡେମୀ ଅର୍ଥ ସମିତିର ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତି ପୌରୋହିତ୍ୟ କରିଥିଲେ। ନିମାପଡ଼ାର ମାନ୍ୟବର ବିଧାୟକ ଶ୍ରୀ ସମୀର ରଞ୍ଜନ ଦାସ ଏଥିରେ ମୁଖ୍ୟଅତିଥି, ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ବିଶିଷ୍ଟ ଅତିଥି, ଶ୍ରୀ ବଦ୍ରି ମିଶ୍ର ମୁଖ୍ୟବକ୍ତା ଓ ଭକ୍ତ ବଳରାମ ଦାସ ସ୍ମୃତି ସଂସଦର ସଭାପତି ଶ୍ରୀ ହଟ କିଶୋର ସ୍ୱାଇଁ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି କହିଲେ ବଳରାମ ଦାସ ଥିଲେ କବି, ସାଧକ, ଭକ୍ତ ଓ ଦାର୍ଶନିକ। ସେ ସବୁ ଧର୍ମ ଓ ସବୁପ୍ରକାର ସାଧନା ମାର୍ଗ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ। ଓଡ଼ିଆ ଭାଷାର ସୁରକ୍ଷା ଓ ପୃଷ୍ଟିସାଧନ ନିମନ୍ତେ ଓଡ଼ିଆ ସାହିତ୍ୟକୁ ଲେଖା ମାଧମରେ ସୁଷମା ମଣ୍ଡିତ କରିଅଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ପାନ୍ଥନିବାସ କଳିଙ୍ଗ କନଭେନସନ ସଭାଗୃହରେ ତା ୧୧.୩.୧୬ରିଖ ସନ୍ଧ୍ୟା ୬ ଘଟିକାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ଡକ୍ଟର ଶୁଭେନ୍ଦୁ ମୁଣ୍ଡ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିବା ସହିତ ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାକାର ଶ୍ରୀ ବିଜୟ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।




## ସଂସ୍କୃତି ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜାୟନ କାର୍ଯ୍ୟକ୍ରମ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅନ୍ତର୍ଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ। ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୩୧.୦୧.୧୬ ରିଖରେ ଭଜରାମ ଶତପଥୀ ତା ୨୮.୦୨.୧୬ ରିଖରେ ପଣ୍ଡିତ ବିପିନ୍ ବିହାରୀ ମିଶ୍ର ଓ ତା ୨୭.୦୩.୧୬ ରିଖରେ ଅନୁପ କୁମାର ନନ୍ଦ ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ।

# ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଫକୀର ମୋହନ ସାହିତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଯୁଗସ୍ରଷ୍ଟା ସାଧକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୫.୧.୧୬ ରିଖ ଅପରାହ୍ଣ ୩.୦୦ ଘଟିକାରେ ବ୍ୟାସକବିଙ୍କ ସ୍ମୃତି ପୀଠ ଶାନ୍ତିକାନନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଡକ୍ଟର ଶିରୀଶ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟଅତିଥି, ଏକାଡେମୀର ସଦସ୍ୟ ଡକ୍ଟର ଭାଗବତ ପ୍ରସାଦ ଦାସ ସମ୍ମାନନୀୟ ଅତିଥି, ପ୍ରଫେସର ଡକ୍ଟର ଗିରିବାଳା ମହାନ୍ତି ମୁଖ୍ୟବକ୍ତା ଓ ଶ୍ରୀ ନିବାରଣ ଜେନା ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଫକୀରମୋହନ ସେନାପତି କାବ୍ୟଶିଳ୍ପୀ ଭାବେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରି ଯାଇଛନ୍ତି । ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ କଳ୍ପେ ତାଙ୍କର ସାଧୁ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ । ତାଙ୍କର ଏତାଦୃଶ୍ୟ ଓଡ଼ିଆ ଭାଷା ଓ ଜାତି ପ୍ରୀତି ବିରଳ ଓ ଅବିସ୍ମରଣୀୟ ବୋଲି ବକ୍ତା ଅତିଥିବୃନ୍ଦ ମତପ୍ରକାଶ କରିଥିଲେ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ଉତ୍କଳ ଭାରତୀ କୁନ୍ତଳାକୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲେଖିକା ସଂସଦ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୮.୨.୧୬ ରିଖ ଅପରାହ୍ଣ ୩.୦୦ ଘଟିକାରେ ଖୋର୍ଦ୍ଧାସ୍ଥ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଲେଖିକା ସଂସଦର ସାଧାରଣ ସମ୍ପାଦିକା ଡକ୍ଟର ଶକୁନ୍ତଳା ବଳିୟାରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି,ଶ୍ରୀମତୀ ରୁମ୍‌ଝୁମ୍ ନାୟକ ସମ୍ମାନନୀୟା ଅତିଥି ଓ ଡକ୍ଟର ଭାଗ୍ୟଲିପି ମଲ୍ଲ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ କୁନ୍ତଳା କୁମାରୀ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସାଧିକା । ଓଡ଼ିଆ ସାହିତ୍ୟକୁ ସର୍ବଭାରତୀୟ ସ୍ତରରେ ପରିଚିତ ତଥା ପ୍ରସାରିତ କରିବା ପାଇଁ ସେ ହିନ୍ଦୀ ଭାଷାରେ ପତ୍ରିକା ସମ୍ପାଦନ କରିବା ସହିତ ନିଜର ସାରସ୍ୱତ ଦକ୍ଷତା ପ୍ରତିପାଦନ କରିପାରିଥିଲେ ।



ଏହାବ୍ୟତୀତ ସେ ଅନେକ ସାମାଜିକ ଉପନ୍ୟାସ ସମାଜର ପରିସ୍ଥିତିକୁ ନେଇ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରି ପାରିଛନ୍ତି । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ଶ୍ୟାମସୁନ୍ଦର ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ୟାମସୁନ୍ଦର ବିଦ୍ୟାଳୟ କମିଟିଙ୍କ ମିଳିତ ସହଯୋଗରେ ସାରସ୍ୱତ ସାଧକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୨.୧୬ରିଖ ସନ୍ଧ୍ୟା ୫.୩୦ ଘଟିକାରେ ପାରଳାଖେମୁଣ୍ଡିସ୍ଥ ଶ୍ୟାମସୁନ୍ଦର ରାଜଗୁରୁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାବେଶରେ ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱର୍ଗତ ରାଜଗୁରୁଙ୍କୁ ଓଡ଼ିଆ ସାହିତ୍ୟର ଆଦ୍ୟ ସମାଲୋଚକ ଭାବେ ଅଭିହିତ କରିବା ସହ ରାଜଗୁରୁ ଛାନ୍ଦ ବିଜ୍ଞାନର ପଥିକୃତ ସାଧକ ବୋଲି ମତ ପ୍ରକାଶ କରିଥିଲେ । ରାଷ୍ଟ୍ରପତି ପୁରସ୍କାର ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଓ ଶ୍ରୀମତୀ ଆଶାଲତା ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ରାଜଗୁରୁଙ୍କ କୃତି ଓ ଜୀବନୀ ଉପରେ ଆଲୋକପାତ କରିଥିଲେ । ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏ ଅବସରରେ କହିଲେ ସ୍ୱର୍ଗତ ରାଜଗୁରୁ ଥିଲେ ପ୍ରଚଣ୍ଡ ଓଡ଼ିଆ ସ୍ୱାଭିମାନୀ ଏବଂ ତାଙ୍କ ଉଦ୍ୟମରେ ଇଂରେଜ ଶାସନ ବେଳେ ଓଡ଼ିଶାର ଦକ୍ଷିଣାଞ୍ଚଳରେ ଲୋପ ପାଇବାକୁ ବସିଥିବା ଓଡ଼ିଆ ଭାଷାର ପୁନଃ ପ୍ରଚଳନ ହୋଇପାରିଥିଲା ।

## ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୧୨.୨.୧୬ରିଖ ଅପରାହ୍ଣ ୩.୦୦ ଘଟିକାରେ ପୁରୀ ନିକଟସ୍ଥ ବୀରପ୍ରତାପପୁର ଶାସନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ଅର୍ଥ ସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର କୈଳାସଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ଶ୍ରୀ ପ୍ରାଣ କୃଷ୍ଣ ମହାପାତ୍ର ମୁଖ୍ୟବକ୍ତା ଓ ଶ୍ରୀ ଲିଙ୍ଗରାଜ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କହିଲେ କୃପାସିନ୍ଧୁ ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ନିଷ୍ଠାପର ଗବେଷକ ଓ ମହାନ୍ ଜନସେବକ । ଓଡ଼ିଶାର ଲୁପ୍ତ ଐତିହାସିକ ଗୌରବ ଓ ସାଂସ୍କୃତିକ ବିଭବ ସମ୍ପର୍କରେ ବିଭିନ୍ନ ଲେଖା ଲେଖି ନିଜର ଐତିହାସିକ ଓ ଗବେଷକ ଜୀବନର ସୁସ୍ପଷ୍ଟ ପରିଚୟ ସେ ଦେଇଛନ୍ତି । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।



# କବି ବ୍ରଜରାଜ ସିଂହଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡ଼ିଆଳ ସାହିତ୍ୟ ସମିତିଙ୍କ ମିଳିତ ଆନୁକୂଲ୍ୟରେ ତା ୧୨.୨.୧୬ରିଖ ଅପରାହ୍ଣ ୩.୦୦ ଘଟିକା ସମୟରେ କବି ବ୍ରଜରାଜ ସିଂହଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଖଡ଼ିଆଳସ୍ଥ ବୀରବିକ୍ରମ ମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଡକ୍ଟର ଶରତ ଚନ୍ଦ୍ର ଚଲାଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଜିତାମିତ୍ର ପ୍ରସାଦ ସିଂହଦେଓ ମୁଖ୍ୟଅତିଥି, ଇଂ ବ୍ରଜ କିଶୋର ପରିଡ଼ା ଓ ଶ୍ରୀ ନୀଳଲୋହିତ ସିଂହଦେବ ସମ୍ମାନନୀୟ ଅତିଥି ଏବଂ ଶ୍ରୀ ଗୌରାଙ୍ଗ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ବ୍ରଜରାଜ ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ଏକନିଷ୍ଠ ସାଧକ ଭାବରେ ବହୁ ଯଶର ଅଧିକାରୀ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ସହିତ ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ତାଙ୍କ ରଚିତ ପ୍ରବନ୍ଧ ଓ କାବ୍ୟ କୃତିଗୁଡ଼ିକ ଭଞ୍ଜୀୟ କାବ୍ୟ ପରମ୍ପରା ଓ ଶୈଳୀରେ ପରିପୃଷ୍ଟ ଓ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ଭାବେ ପରିଗଣିତ ହୁଏ।

# ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦଙ୍କ ମିଳିତ ସହଯୋଗରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୨.୧୬ରିଖ ସନ୍ଧ୍ୟା ୬.୦୦ ଘଟିକାରେ ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଶାସନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ଅର୍ଥ ସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର କୈଳାସଚନ୍ଦ୍ର ଟିକାଳୟତରାୟ ମୁଖ୍ୟଅତିଥି, ଶ୍ରୀ ରମେଶ ଚନ୍ଦ୍ର ଦାସ ସମ୍ମାନନୀୟ ଅତିଥି, ଶ୍ରୀ ସତ୍ୟନାରାୟଣ ମିଶ୍ର ମୁଖ୍ୟବକ୍ତା ଓ ଆଚାର୍ଯ୍ୟ ଯୁବ ପରିଷଦର ସଭାପତି ଶ୍ରୀ ଛାୟାକାନ୍ତ ମିଶ୍ର ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଆଚାର୍ଯ୍ୟ ହରିହର ଏକଧାରରେ ଥିଲେ ବିପ୍ଳବୀ, ଜନସେବୀ ଓ ସାହିତ୍ୟ ସେବୀ। ସେ ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବାକୁ ନିଜ ଜୀବନର ଆଦର୍ଶ କର୍ମ ରୂପେ ବାଛି ନେଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରି ଜନସାଧାରଣଙ୍କ ମଧ୍ୟରେ ଚେତନା ସୃଷ୍ଟି କରିପାରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳ ସିଂହ ସ୍ୱାଗତ ଭାଷର ପ୍ରଦାନ କରିଥିଲେ।

# ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ଟୀକାକାର ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୨.୧୬ରିଖ ସନ୍ଧ୍ୟା ୫.୦୦ ଘଟିକାରେ ରେମୁଣା ନିକଟବର୍ତ୍ତୀ ପଣ୍ଡିତଙ୍କ ଜନ୍ମ ପୀଠ ମୟୂର ଗ୍ରାମରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଅଛି। ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଡକ୍ଟର ଭାବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି, ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟବକ୍ତା ଓ ଶ୍ରୀ ନିରଞ୍ଜନ ସାହୁ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ପଣ୍ଡିତ ଶ୍ରୀଧର ସ୍ୱାମୀ ପୁରୀ ଗୋବର୍ଦ୍ଧନ ମଠର ଦଶମ ଶଙ୍କରା ଚାର୍ଯ୍ୟ ରୂପେ ଅଧିଷ୍ଠିତ ହୋଇ ଉତ୍କଳୀୟ ଧାର୍ମିକ ତଥା ଆଧ୍ୟାତ୍ମିକ ଜୀବନକୁ ଗଭୀର ରୂପେ ପ୍ରଭାବିତ କରିଥିଲେ। ଜଣେ ମହାନ୍ ଦାର୍ଶନିକ ତଥା ଅଦ୍ୱୈତବାଦର ଅନ୍ୟତମ ପ୍ରବକ୍ତା ଭାବରେ ସେ ଯଶସ୍ୱୀ ହୋଇପାରିଥିଲେ।

# ଆଦିକବି ସାରଳା ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଦିକବି ସାରଳା ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୧୪.୨.୧୬ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଜଗତସିଂହପୁର ଜିଲ୍ଲା ତ୍ରିର୍ତ୍ତୋଲ ଅନ୍ତର୍ଗତ ତେନ୍ତୁଳିପଦାସ୍ଥ ସାରଳା ଦାସଙ୍କ ସମାଧିପୀଠ ମୁନିଗୋସାଇଁ ମଠ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସାହିତ୍ୟ ସଙ୍ଗଠକ ଇଂ ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ଶ୍ରୀ ଅମରେଶ ପଟ୍ଟନାୟକ ଓ ଡକ୍ଟର ମିହିର କୁମାର ସାହୁ ସମ୍ମାନନୀୟ ଅତିଥି ଏବଂ ଶ୍ରୀ କାଳୀପ୍ରସନ ପରିଜା ଓ ଶ୍ରୀ ସଚ୍ଚିଦାନନ୍ଦ ବେହେରା ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଆଦିକବି ସାରଳା ଦାସ ମହାଭାରତ ରଚନା କରି ଜନସାଧାରଣଙ୍କ ଚିନ୍ତା ଓ ଚେତନାର ଏକ ନୂତନ ଦିଗ୍‌ବଳୟ ଉଦ୍‌ଘାଟନ କରିବାରେ ସମର୍ଥ ହୋଇଥିଲେ। ଦାଣ୍ଡିବୃତ୍ତରେ ରଚିତ ଏହି ଗ୍ରନ୍ଥରେ ଉତ୍କଳୀୟ ଜନଜୀବନ, ପରମ୍ପରା ଓ ସଂସ୍କୃତିର ଢଗଢମାଳିର ସହିତ କବିଙ୍କ କବିତ୍ୱ ଓ ମୌଳିକତା ମଧ୍ୟ ପ୍ରକଟିତ ହୋଇପାରିଛି ।

# ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅଭିମନ୍ୟୁ ସାହିତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୨.୧୬ ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଯାଜପୁର ଜିଲ୍ଲାର ଅଭିମନ୍ୟୁ ବାଲିଆଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଅଭିମନ୍ୟୁ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଦେବପ୍ରସାଦ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ପ୍ରଦୀପ୍ତ କୁମାର ବାରିକ ମୁଖ୍ୟଅତିଥି, ଡକ୍ଟର ରବୀନ୍ଦ୍ରକୁମାର ବିହାରୀ ସମ୍ମାନନୀୟ ଅତିଥି, ଡକ୍ଟର ଲକ୍ଷ୍ମଣ କୁମାର ଦାସ ମୁଖ୍ୟବକ୍ତା ଓ ଶ୍ରୀ ବିଶେଶ୍ୱର ମହାନ୍ତି ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ବିଦଗ୍ଧ ଚିନ୍ତାମଣିର ଅନନ୍ୟ ସ୍ରଷ୍ଟା ଭାବରେ ଅଭିମନ୍ୟୁଙ୍କ କାବ୍ୟିକ ପ୍ରତିଭା ସୁବିଦିତ। ତାଙ୍କର କବିତ୍ୱ, ଗଭୀର ପାଣ୍ଡିତ୍ୱ ଓ ଅସୀମ ଭକ୍ତିମତ୍ତା ଏଥିରେ ପ୍ରକଟିତ। ସଭା ପ୍ରାରମ୍ଭରେ ଏକାଡେମୀର ପ୍ରକାଶନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପୂଜାପଣ୍ଡା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସୃଜନ ସମାରୋହ: ରାୟଗଡ଼

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାୟଗଡ଼ସ୍ଥିତ କୃଷ୍ଣଚନ୍ଦ୍ର ନଗର ଭବନଠାରେ ତା ୧୦.୧.୧୬ରିଖରେ ଏକଦିବସୀୟ ସୃଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହର ଉଦ୍‌ଘାଟନୀ ଉତ୍ସବ ପୂର୍ବାହ୍ଣ ୧୦.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀ କାର୍ଯ୍ୟକାରୀ ସମିତି ସଦସ୍ୟ କବି ସୁଶାନ୍ତ କୁମାର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଲାଲବିହାରୀ ହିମିରିକା ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଭାଷା ଓ ସାହିତ୍ୟ ପ୍ରତି ଆଦର ବୃଦ୍ଧି ଦିଗରେ ଏକାଡେମୀ ଅଧିକ ପ୍ରାଧାନ୍ୟ ଦେବା ଉପରେ ମୁଖ୍ୟଅତିଥି କୋରାପୁଟ ସାଂସଦ ଝିନ୍ନ ହିକ୍‌କା, ବିଶିଷ୍ଟ ଅତିଥି ମାନ୍ୟବର ଜିଲ୍ଲାପାଳ ଜଗନ୍ନାଥ ମହାନ୍ତି, ସମ୍ମାନନୀୟ ଅତିଥି ସମାଜସେବୀ ଡକ୍ଟର ରତନ ଦାସ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ପାଇଁ ଏକାଡେମୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ସମାରୋହର ଆଲୋଚନାଚକ୍ର ଅଧିବେଶନ ପୂର୍ବାହ୍ଣ ୧୧.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା।



ଅଧ୍ୟାପକ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ସାମ୍ପ୍ରତିକ ଜୀବନରେ ସାହିତ୍ୟର ପ୍ରୟୋଜନ' ବିଷୟକ ଆଲୋଚନାରେ ଡକ୍ଟର ପ୍ରୀତିଧାରା ସାମଲ, ଅମେୟ ବିକ୍ରମା ନନ୍ଦନ ଭୂୟାଁ, ଚନ୍ଦ୍ରଶେଖର ହୋତା, ଡମ୍ବରୁଧର ପଟ୍ଟନାୟକ, ଡକ୍ଟର ନରେନ୍ଦ୍ର ମିଶ୍ର, ବାସୁଦେବ ପାତ୍ର, ବିଦ୍ୟୁଲତା ହୁଇକା, ପ୍ରତାପ ରାୟ, ଗୋଲକ ଚନ୍ଦ୍ର ଦଳାଇ ପ୍ରମୁଖ ସ୍ୱବକ୍ତବ୍ୟ ରଖିଥିଲେ। ଏହି ସମାରୋହର କବିତା ପାଠ ଅଧିବେଶନ ଅପରାହ୍ଣ ୩.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। କବି ଦେବେନ୍ଦ୍ର କୁମାର ବାଉରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠ ଅଧିବେଶନରେ ପୌର ଅଧକ୍ଷ ଡକ୍ଟର ନିରଞ୍ଜନ ବକ୍ସିପାତ୍ର, ଗୋପୀନାଥ ସାହୁ ସମ୍ମାନନୀୟ ଅତିଥି, ଜୟରାମ ଜେନା, କେଦାରନାଥ ପଣ୍ଡା, ଡକ୍ଟର ଗୌରାଙ୍ଗ ରାଉତ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ କବି ଆଶୁତୋଷ ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ଓ ନୀଳମଣି ପାଟଯୋଶୀଙ୍କ ସଂଯୋଜନାରେ ନିମନ୍ତ୍ରିତ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ।

## ସାରସ୍ୱତ ସମାରୋହ : ସୁନ୍ଦରଗଡ଼



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୁନ୍ଦରଗଡ଼ସ୍ଥିତ ବିକାଶ ଭବନଠାରେ ତା ୩.୧.୧୬ରିଖ ଦିନ ଏକଦିବସୀୟ ସାରସ୍ୱତ ସମାରୋହର ଆୟୋଜନ କରାଯାଇଥିଲା। ଏହି ସାରସ୍ୱତ ସମାରୋହର ଉଦ୍‌ଘାଟନ ଉତ୍ସବ ପୂର୍ବାହ୍ଣ ୧୦.୩୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା।ଡକ୍ଟର ଭଗବାନ ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଅଧିବେଶନରେ ଜିଲ୍ଲାପାଳ ଶ୍ରୀ ଭୂପିନ୍ଦର ସିଂହ ପୁନିଆଁ ମୁଖ୍ୟଅତିଥି, ଡକ୍ଟର ଧ୍ରୁବରାଜ ନାୟକ ବିଶିଷ୍ଟ ଅତିଥି ଓ ଶଶିଭୂଷଣ ରଥ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ସମାରୋହର ଆଲୋଚନାଚକ୍ର ଅଧିବେଶନ ମଧ୍ୟାହ୍ନ ୧୨.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଶ୍ରୀ ଗିରି ଦଣ୍ଡସେନା ଏଥିରେ ଅଧକ୍ଷତା କରିଥିଲେ। ଡକ୍ଟର ହରେକୃଷ୍ଣ ମେହେର, ଡକ୍ଟର ନଗେନ କୁମାର ଦାସ, ଶ୍ରୀମତୀ ନିବେଦିତା ଜେନା ଓ ଡକ୍ଟର ହିରନ୍ ଲୁଗୁନ୍ ସମ୍ମାନନୀୟ ପ୍ରାବନ୍ଧିକ ଓ ଆଲୋଚକ ଭାବେ ଯୋଗଦାନ କରି 'ସାହିତ୍ୟରେ ପାରମ୍ପରିକତା ଓ ଆଧୁନିକତା' ବିଷୟରେ ବିଶଦ୍ ଆଲୋଚନା କରିଥିଲେ।

ଏହି ସମାରୋହର କବିତା ପାଠ ଅଧିବେଶନ ଅପରାହ୍ଣ ୨.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀ ରାଜୁ ଷଡ଼ଙ୍ଗୀ ଏଥିରେ ପୌରୋହିତ୍ୟ କରିବା ସହିତ ଶ୍ରୀ ଆର୍ତ୍ତତ୍ରାଣ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ କବି ସେମାନଙ୍କର ସ୍ୱରଚିତ କବିତାଗୁଡ଼ିକ ଏହି ଅଧିବେଶନରେ ପାଠ କରିଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ସୃଷ୍ଟିଶ୍ରୀ ନାୟକ ଓ ଶ୍ରୀ ଗଣେଶ ତ୍ରିପାଠୀ।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଜାତୀୟ ପରାମର୍ଶ କର୍ମଶାଳା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ପାନ୍ଥନିବାସ କଳିଙ୍ଗ କନଭେନସନ୍ ହଲ୍‌ରେ ତା ୧୩.୨.୧୬ ଓ ୧୪.୨.୧୬ ରିଖ ଦୁଇଦିନ ବ୍ୟାପୀ ଶାସ୍ତ୍ରୀୟ ଓଡ଼ିଆ ଭାଷା ଜାତୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳାର ଉଦ୍‌ଘାଟନ ଉତ୍ସବ ତା ୧୩.୨.୧୬ରିଖ ପୂର୍ବାହ୍ଣ ୧୦.୦୦ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥି, କମିଶନର ତଥା ଶାସନ ସଚିବ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ କରିଥିଲେ।




ବରିଷ୍ଠ ଗବେଷକ ଡକ୍ଟର ବସନ୍ତ କୁମାର ପଣ୍ଡା ଭିତ୍ତି ପ୍ରବନ୍ଧ ଉପସ୍ଥାପନ ଦେଇଥିଲେ। ଏହି କର୍ମଶାଳାରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ଉତ୍ସ; ଶିଳାଲେଖ ଓ ପ୍ରତ୍ନତତ୍ତ୍ୱ ; ଅଭିଧାନ ପ୍ରଣୟନ; ପ୍ରାଚୀନ ସାହିତ୍ୟ ଗ୍ରନ୍ଥ, ପାଣ୍ଡୁଲିପି ସମ୍ପାଦନା ଓ ସଙ୍କଳନ; ଭାଷାତତ୍ତ୍ୱ ଓ ବ୍ୟାକରଣ ; ଅନୁବାଦ ; ପଞ୍ଜିକରଣ ଓ ସଂରକ୍ଷଣ; ମାନବ ଓଡ଼ିଆ ଭାଷା ଓ ଓଡ଼ିଶାର ଆଦିବାସୀ ଭାଷାଗୁଡ଼ିକର ଏକ ତୁଳାତ୍ମକ ଅଧ୍ୟୟନ ପ୍ରମୁଖ ୮ ଗୋଟି ବିଭାଗରେ ଦଳଗତ ଆଲୋଚନା କରାଯାଇ ଏଗୁଡ଼ିକର ନିଷ୍କର୍ଷ ଉପସ୍ଥାପନ କରାଯାଇଥିଲା।

## ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପୁଣ୍ୟ ସ୍ମୃତିରେ ଭୁବନେଶ୍ୱରସ୍ଥ ଅଭିଲେଖାଗାର ସଭାକକ୍ଷରେ ତା ୭.୨.୧୬ରିଖ ସନ୍ଧ୍ୟା ୬.୩୦ ଘଟିକାରେ ଆର୍ତ୍ତବଲ୍ଲଭ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମକୁ ସଂସ୍କୃତି ଓ ଲୋକସମ୍ପର୍କ ବିଭାଗର ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ବଙ୍ଗଳା ଦେଶର ସ୍ୱନାମଧନ୍ୟ ବଙ୍ଗଳା କବି ମହମ୍ମଦ ନୁରୁଲ୍‌ହୁଦା ଏହି ଅବସରରେ Trends in comtemporary Poetry of Bangladesh ବିଷୟକ ବକ୍ତୃତା ପ୍ରଦାନ କରିଥିଲେ। ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଲୋଚନାଚକ୍ର : ସମ୍ବଲପୁର ବିଶ୍ୱବିଦ୍ୟାଳୟ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟଙ୍କ ମିଳିତ ସହଯୋଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ଥ ପରିସଂଖ୍ୟାନ ସଭାକକ୍ଷରେ ତା ୧୩.୧.୧୬ରିଖ ଦିନ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନ ପୂର୍ବାହ୍ଣ ୧୦.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଦସ୍ୟ ଡକ୍ଟର ଶୁକମୁନୀ ମେହେରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ରାମଶଙ୍କର ନନ୍ଦ ମୁଖ୍ୟଅତିଥି, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନନୀୟ ଅତିଥି ଓ ଡକ୍ଟର ମଣୀନ୍ଦ୍ର କୁମାର ମେହେର ମୁଖ୍ୟବକ୍ତା ଭାବେ



ଯୋଗଦାନ କରିଥିଲେ। ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଏହି ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ପୂର୍ବାହ୍ଣ ୧୧.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଅଶୋକ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ, ଡକ୍ଟର ନାକୁ ହାସଦାଃ, ଡକ୍ଟର ଗୋପୀନାଥ ଦାସ, ଡକ୍ଟର ଜନାର୍ଦ୍ଦନ ପାଣିଗ୍ରାହୀ, ଡକ୍ଟର ଉତ୍ପନ୍ନ କୁମାର ଭୋଇ ଓ ଶ୍ରୀ ଗଣେଶରାମ ନାହକ ସମ୍ମାନନୀୟ ପ୍ରାବନ୍ଧିକ ଓ ଆଲୋଚକା ଭାବେ ଯୋଗଦାନ କରି "ଓଡ଼ିଆ କଥା ସାହିତ୍ୟକୁ ପଶ୍ଚିମ ଓଡ଼ିଶାର ଦାନ" ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରର ତୃତୀୟ ଅଧିବେଶନ ଅପରାହ୍ଣ ୨.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ସମର ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ଡକ୍ଟର ଦ୍ୱାରିକା ନାଥ ନାୟକ, ଡକ୍ଟର ଶ୍ୟାମସୁନ୍ଦର ଧର, ଡକ୍ଟର ଗିରିଜାଶଙ୍କର ଶର୍ମା, ଡକ୍ଟର ପରମେଶ୍ୱର ମୁଣ୍ଡ, ଶ୍ରୀ କେଶ ରଞ୍ଜନ ପ୍ରଧାନ ଓ ଶ୍ରୀ ଅଶୋକ ବହିଦାର ସମ୍ମାନନୀୟ ପ୍ରାବନ୍ଧିକ ଓ ଆଲୋଚକ ଭାବେ ଯୋଗଦାନ କରି 'ସମ୍ବଲପୁରୀ-କୋଶଲୀ ନାଟକ : ଏକ ପର୍ଯ୍ୟାଲୋଚନା' ବିଷୟରେ ଆଲୋଚନା କରିଥିଲେ।

## ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅଚ୍ୟୁତ ଯୁବ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୮.୨.୧୬ରିଖ ସନ୍ଧ୍ୟା ୬.୦୦ ଘଟିକାରେ କବିଙ୍କ ଜନ୍ମପୀଠ କଟକ ଜିଲ୍ଲାର ନେମାଳ ନିକଟବର୍ତ୍ତୀ ତିଳକଣାଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଶ୍ରୀ ଗୋଲଖ ଚନ୍ଦ୍ର ମହାପାତ୍ର ସମ୍ମାନନୀୟ ଅତିଥି ଓ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଗୌଡ଼ୀୟ ବୈଷ୍ଣବ ପରମ୍ପରାର ଅନ୍ୟତମ ପ୍ରବକ୍ତା ଅଚ୍ୟୁତାନନ୍ଦ ନିରାକାର ଶ୍ରୀ ଜଗନ୍ନାଥଙ୍କୁ ଉପାସ୍ୟ ଦେବତା ରୂପେ ଗ୍ରହଣ କରିଥିଲେ। ତାଙ୍କର ଏକନିଷ୍ଠ ସାଧନା ଫଳରେ ଅଚ୍ୟୁତାନନ୍ଦ ପୁରାଣ, ଭଜନ, ଜଣାଣ, ଚଉତିଶା, କୋଇଲି, ଗୀତା ଓ ସଂହିତା ଆଦି ରଚନା କରି ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ ଓ ପୁଷ୍କଳ କରିଛନ୍ତି ବୋଲି ବକ୍ତା ଓ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୀୟ କୁମାର ଛୁଆଳ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦ ସୁବର୍ଣ୍ଣପୁରଙ୍କ ମିଳିତ ସହଯୋଗରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୮.୩.୧୬ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଡିଆରଡିଏ ସଭାଗୃହ ସୋନପୁରଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ସାହିତ୍ୟ ସଂସଦର ସଭାପତି ଶ୍ରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉପଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟଅତିଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ ବିଶିଷ୍ଟ ଅତିଥି, ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ପୁରୁଷୋତ୍ତମ ମିଶ୍ର ସମ୍ମାନନୀୟ ଅତିଥି ଏବଂ ପ୍ରଫେସର ଡକ୍ଟର ପ୍ରଦୀପ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ସନ୍ଥକବି ଭୀମଭୋଇଙ୍କ ସାହିତ୍ୟକୃତି ଓ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

# ଆଲୋଚନାଚକ୍ର ଓ କବିତା ପାଠୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଯାଜପୁରସ୍ଥ ଥାଲକୁଡ଼ି ବିଜୁକଲ୍ୟାଣ ମଣ୍ଡପ, ମଙ୍ଗଳପୁର ଠାରେ ତା ୧୩.୩.୧୬ରିଖରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବ ପୂର୍ବାହ୍ଣ ୧୦.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଦସ୍ୟ ଶ୍ରୀ ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ଗାଳ୍ପିକ ଅତ୍ୟୁତାନନ୍ଦ ପତି ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଡକ୍ଟର ହୁସେନ୍ ରବି ଗାନ୍ଧୀ ଯୋଗଦାନ କରି କହିଲେ ସାଧାରଣ ପଠିତ ଭାଷାରେ ସାହିତ୍ୟ ରଚିତ ହେଲେ ପାଠକୀୟ ଆଦୃତି ଲାଭ କରିବ ଓ ମଣିଷର ସାହିତ୍ୟ ଉପରେ ଧ୍ୟାନ ରହିବ। ଏଥିରେ ସମ୍ମାନନୀୟ ଅତିଥି ଭାବେ ଡକ୍ଟର ବିଜୟ କୁମାର ଶତପଥୀ ଯୋଗଦାନ କରିଥିଲେ। ଏହି ଉତ୍ସବର ଆଲୋଚନାଚକ୍ର ଅଧିବେଶନ ପୂର୍ବାହ୍ଣ ୧୧.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟ ଓ ପାଠକୀୟ ଦୂରତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡକ୍ଟର ବିଜୟ କିଶୋର ସାମଲ, ମୁଖ୍ୟ ଆଲୋଚକ ଭାବେ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ ସମ୍ମାନନୀୟ ଆଲୋଚକ ଭାବେ ଏଥିରେ ଯୋଗଦାନ କରିଥିଲେ। ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୀୟ କୁମାର ଛୁଆଳସିଂହ ପ୍ରାରମ୍ଭରେ ଅତିଥି ବୃନ୍ଦଙ୍କୁ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମର କବିତା ପାଠୋତ୍ସବ ଅପରାହ୍ଣ ୧୨.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ରୁଦ୍ରନାରାୟଣ ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠକୁ ମହେଶ୍ୱର ପାଢ଼ୀ, ଅଜୟ କୁମାର ଜେନା, ସରୋଜ ବିଶ୍ୱାଳ ସଂଯୋଜନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ରାଜ୍ୟସଭା ସାଂସଦ ବୈଷ୍ଣବ ଚରଣ ପରିଡ଼ା ଏଥିରେ ଯୋଗ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମାନ ଦିନକୁ ଦିନ କମି ଯାଉଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଏହା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏଥିରେ ଶତାଧିକ କବି ଯୋଗ ଦେଇ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ।



# ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୦୧.୧୬ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପ୍ରବଚକ ପାର୍ଥସାରଥୀ ମହାନ୍ତି, ତା ୨୯.୦୨.୧୬ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ ଏବଂ ତା ୩୧.୦୩.୧୬ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୟାନିଧି ତ୍ରିପାଠୀ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ଶାନ୍ତିନିକେତନରେ ଆଲୋଚନାଚକ୍ର




୨୮-୨୯ ମାର୍ଚ୍ଚ ୨୦୧୬ରେ ଏକାଡେମୀ ତରଫରୁ ଦୁଇଦିନିଆ 'ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ବିଶ୍ୱଭାରତୀ ଶାନ୍ତିନିକେତନର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ସିଂହ ସଦନ'ରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଭାଷାବିତ୍ ପ୍ରଫେସର ଉଦୟ ନାରାୟଣ ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ ଓ ମୁଖ୍ୟଅତିଥି ଭାବରେ ଗାଳ୍ପିକ ପ୍ରଫେସର କଇଳାଶ ପଟ୍ଟନାୟକ ଯୋଗଦାନ କରିଥିଲେ। ଏଥିରେ ପୌରୋହିତ୍ୟ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପ୍ରଫେସର ଡକ୍ଟର ମନୋରଞ୍ଜନ ପ୍ରଧାନ। ପ୍ରଥମ ଦିନ ଆଲୋଚନାର ବିଷୟବସ୍ତୁ ଥିଲା 'ଏକବିଂଶ ଶତାବ୍ଦୀର ପ୍ରବନ୍ଧ ଓ ସମାଲୋଚନା'। ଏଥିରେ ପୌରୋହିତ୍ୟ କରିଥିଲେ ଡକ୍ଟର ମନୋରଞ୍ଜନ ପ୍ରଧାନ। ଏଥିରେ ସ୍ତମ୍ଭକାର ଶ୍ରୀ ଅସିତ୍ ମହାନ୍ତି, ଡକ୍ଟର ଶରତ କୁମାର ଜେନା ଓ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପେଶ୍ କରିଥିଲେ। ଦ୍ୱିତୀୟ ଅଧିବେଶନର ବିଷୟବସ୍ତୁ 'ଏକବିଂଶ ଶତାବ୍ଦୀର ଗଳ୍ପ ଓ ଉପନ୍ୟାସ ଉପରେ ଉଦ୍ଦିଷ୍ଟ ଥିଲା। ଏଥିରେ ପୌରୋହିତ୍ୟ କରିଥିଲେ ଶାନ୍ତିନିକେତନ ଓଡ଼ିଆ ବିଭାଗର ପ୍ରଫେସର ସବିତା ପ୍ରଧାନ। ଆଲୋଚକ ଭାବରେ ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ଡକ୍ଟର ଗୁରୁଚରଣ ରାଉତରାୟ, ଡକ୍ଟର ରମେଶ ଚନ୍ଦ୍ର ବେହେରା, ଡକ୍ଟର ଦେବାଶିଷ ପାତ୍ର ଓ ଡକ୍ଟର ଆଲୋକ ବରାଳ ଯୋଗଦାନ କରି ଏକବିଂଶ ଶତାବ୍ଦୀ ମାତ୍ର ଷୋହଳ ବର୍ଷ ଅତିକ୍ରାନ୍ତ ହେତୁ ତାରି ଆଗାମୀ ରୂପରେଖର ନିର୍ଦ୍ଦିଷ୍ଟ ବ୍ୟାଖ୍ୟା କଷ୍ଟପ୍ରଦ ବୋଲି ନିଜର ମତପ୍ରକାଶ କରିଥିଲେ।

ତା ୨୯.୩.୧୬ ରିଖରେ 'ଏକବିଂଶ ଶତାବ୍ଦୀର ଓଡ଼ିଆ କାବ୍ୟ ଓ କବିତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କବୀ ପ୍ରଫେସର ଗିରିବାଳା ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରିଥିଲେ କବି ଶତ୍ରୁଘ୍ନ ପାଣ୍ଡବ, କବି ସେନାପତି ପ୍ରଦ୍ୟୁମ୍ନ କେଶରୀ, ଡକ୍ଟର ବୀଣାପାଣି ଦେବତା, ଡକ୍ଟର ସଂଜିତା ମିଶ୍ର ଓ ଡକ୍ଟର ରବୀନ୍ଦ୍ର କୁମାର ଦାସ ପ୍ରମୁଖ। ଚତୁର୍ଥ ଅଧିବେଶନରେ ସମ୍ମାନନୀୟ ଆଲୋଚକ ଭାବେ ଡ. ଦିଲ୍ଲୀପ କୁମାର ସ୍ୱାଇଁ, କବି ଅକ୍ଷୟ କୁମାର ବେହେରା, ଡକ୍ଟର ସଂଜୟ କୁମାର ମିଶ୍ର, ଡକ୍ଟର ନଗେନ୍ ଦାସ ଓ କବି ସମରେନ୍ଦ୍ର ନାଥ ମହାପାତ୍ର। ପଞ୍ଚମ ଅଧିବେଶନ ନାଟକ ଓ ଏକାଙ୍କିକା ଉପରେ ପର୍ଯ୍ୟବେଶିତ ଥିଲା ଯହିଁରେ ଆଲୋଚକ ଡକ୍ଟର ପ୍ରମିଳା ପାଟୁଳିଆ, ଇନ୍ଦ୍ରମଣି ସାହୁ, ରାଜେନ୍ଦ୍ର କୁମାର ବେହେରା, ବିପ୍ଳବ ରଞ୍ଜନ ପ୍ରଧାନ ଓ ନୂତନ ଖମାରୀ ଯୋଗଦାନ କରିଥିଲେ।

# ମୁକ୍ତାକାଶ ସାହିତ୍ୟ ଉତ୍ସବ : କାକର ୨୦୧୬



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏକାଡେମୀର ନବରଙ୍ଗପୁର ଜିଲ୍ଲା ସଦସ୍ୟ ଶ୍ରୀ ପ୍ରଦୀପ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତା ୩୦.୧.୧୬ରିଖ ଠାରୁ ୩.୨.୧୬ରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ମୁକ୍ତାକାଶ ସାହିତ୍ୟ ଉତ୍ସବ 'କାକର-୨୦୧୬' ମଣ୍ଡେଇ ପଡ଼ିଆ ନବରଙ୍ଗପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ଉଦ୍‌ଘାଟନୀ ଅଧିବେଶନ ତା ୩୦.୧.୧୬ରିଖ ପୂର୍ବାହ୍ଣ ୧୦.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସଭା ସାଂସଦ ଶ୍ରୀ ବୈଷ୍ଣବ ଚରଣ ପରିଡ଼ା ଉଦ୍‌ଘାଟକ ଭାବେ ଯୋଗଦାନ କରିଥିଲେ। ଜିଲ୍ଲା ଯୋଜନାବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ମନୋହର ରନ୍ଧାରୀ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ଉପାନ୍ତ ଅଞ୍ଚଳରେ ସାହିତ୍ୟ ଏକାଡେମୀର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଭାବେ ଏବଂ ଏକାଡେମୀର ସଦସ୍ୟ ଡକ୍ଟର ଅରବିନ୍ଦ ରାୟ ଓ ଶ୍ରୀ ସୁଶାନ୍ତ କୁମାର ନାୟକ ଆଲୋଚକ ଭାବେ ଯୋଗଦାନ କରିଥିଲେ।

କାକର ଉତ୍ସବର ତା ୩୧.୧.୧୬ରିଖ ଦିନ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଡାକ୍ତର ସୁରେନ୍ଦ୍ର ନାଥ ଦାସ ପୌରୋହିତ୍ୟ କରିଥିଲେ ଓ ସମ୍ମାନନୀୟ ଅତିଥି ଭାବେ ଡକ୍ଟର କୁଳମଣି ନାଥଶର୍ମା ଯୋଗଦାନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଯୋଗଦାନ କରିଥିଲେ। ଏଥିରେ ୮୦ ରୁ ଊର୍ଦ୍ଧ୍ୱ କବି ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ।

## ସର୍ବଭାରତୀୟ କବିତା...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ତୃତୀୟ ଅଧିବେଶନ ଏନ.ଗୋପୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଙ୍ଗଳା ଦେଶର କବି ମହମ୍ମଦ ନୁରୁଲ୍ଲ ହୁଦା, ମରାଠି କବି ହେମନ୍ତ ଦ୍ୱିବେଦ୍, ମୈଥିଳି କବି କୃଷ୍ଣମୋହନ ଝା, ନେପାଳି କବି କମଳ ରେଗମି, ପଞ୍ଜାବି କବି ବଲବିର୍ ମାଧୋପୁରୀ, ସାନ୍ତାଳି କବି ଅର୍ଜୁନ ଚରଣ ହେମ୍ରମ ଓ ଦମୟନ୍ତୀ ବେଶ୍ରା ସ୍ୱରଚିତ କବିତା ପାଠ କରିଥିଲେ। ସର୍ବଭାରତୀୟ କବିତା ଉତ୍ସବର ଦ୍ୱିତୀୟ ଦିନର ଅଧିବେଶନ ତା ୭.୨.୧୬ ରିଖ ପୂର୍ବାହ୍ଣ ୧୦ ଘଟିକାରେ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ଆର. ବାଲ କ୍ରିଷ୍ଣନ ମୁଖ୍ୟଅତିଥି, ସଂସ୍କୃତି ଓ ସୂଚନା ଲୋକସମ୍ପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଡକ୍ଟର ସୌଭାଗ୍ୟ କୁମାର ମିଶ୍ର ଓ ବଙ୍ଗଳା ଦେଶର କବି ମହମ୍ମଦ ନୁରୁଲ୍ଲ ହୁଦା ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ।

ଉତ୍ସବରେ ଓଡ଼ିଆ, ଅହମିଆଁ, ବଙ୍ଗଳା, ଡୁଗୁରି, ଇଂରାଜୀ, ଗୁଜୁରାଟି, ହିନ୍ଦୀ, କନ୍ନଡ଼, କୋଙ୍କଣୀ, ନେପାଳି, ମାଲାୟଲାମ , ମଣିପୁରୀ, ମରାଠି, ମୈଥିଳି, ପଞ୍ଜାବୀ ଓ ସାନ୍ତାଳୀ ଭାଷାରେ କବିତା ଆବୃତ୍ତି କରି କବିମାନେ ନିଜ ନିଜର ଭାବ ବିନିମୟ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ କବି ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଦିନର କବିତା ପାଠ ଆସର ପୂର୍ବାହ୍ଣ ୧୧.୩୦ ଘଟିକାରେ ତାମିଲ କବୀ କଳାପ୍ରିୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସ୍କୃତ କବି କୌଶଲେନ୍ଦ୍ର ପାଣ୍ଡେୟ, ତାମିଲ କବି ସବରିନାଥନ୍, ତେଲଗୁ କବୀ ଜେ. ଭାଗ୍ୟଲକ୍ଷ୍ମୀ, ଏନ ଗୋପୀ, ଉର୍ଦ୍ଦୁ କବି ଜୟନ୍ତ ପାରମର, ଇର୍ଷାଦ୍ ଆର୍ଜ୍ଜୁ, ଓଡ଼ିଆ କବି ବଂଶୀଧର ଷଡଙ୍ଗୀ, ଫନୀ ମହାନ୍ତି, ହରିହର ମିଶ୍ର , ଅମରେଶ ପଟ୍ଟନାୟକ, ପ୍ରଭାସିନୀ ମହାକୁଡ଼, ପିତାମ୍ବର ତରାଇ, ରକ୍ଷକ ନାୟକ. ସୂର୍ଯ୍ୟ ମିଶ୍ର, ଇନ୍ଦିରା ଦାସ, ନରେନ୍ଦ୍ର କୁମାର ଭୋଇ, ପ୍ରୀତିଧାରା ସାମଲ, ରମାକାନ୍ତ ଜେନା, ସୁଶାନ୍ତ କୁମାର ନାୟକ, ନୀଳଲୋହିତ ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଆସରରେ ସର୍ବଭାରତୀୟ ସ୍ତରର ୩୨ ଜଣ କବି ସ୍ୱରଚିତ କବିତା ପାଠ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ଓଡ଼ିଶାର ସର୍ବମୋଟ ୧୮ ଜଣ କବି ଯୋଗଦାନ କରିଥିଲେ।

ଏହି ଆସରର ଉଦ୍‌ଯାପନୀ ଉତ୍ସବ ତା ୭.୨.୧୬ରିଖ ପୂର୍ବାହ୍ଣ ୧.୩୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଯୋଜକ ଭାବେ ଶ୍ରୀ ଭଗବାନ ଜୟସିଂ ଓ ରୋହିଣୀକାନ୍ତ ମୁଖାର୍ଜୀ ଯୋଗଦାନ କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:odishasasahityaakademi@gmail.com
ୱେବସାଇଟ୍:www.odishasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍ ପ୍ରା.ଲିଃ କଟକ-୨